ସୋମବାର
ଜୁନ୍ ୧୯
୨୦୧୭

# ଆଇଆଇଟିରେ କ୍ୟାରିୟର ସମ୍ପର୍କିତ ଆଲୋଚନା

ଭୁବନେଶ୍ୱର,୧୮।୬(ଭୁ.ପ୍ର): କେଉଁ ପ୍ରକାର ପାଠ୍ୟକ୍ରମ ପାଇଁ କେମିତି ପ୍ରସ୍ତୁତ ହେବେ, କେଉଁ କ୍ୟାରିୟର୍ ବାଛିବେ, ସେଥିପାଇଁ କେଉଁ ପାଠ୍ୟକ୍ରମ ଜରୁରୀ, ଏପରି ଅନେକ ପ୍ରଶ୍ନର ଉତ୍ତର ଛାତ୍ରଛାତ୍ରୀ ଖୋଜିପାଇଛନ୍ତି ଆଇଆଇଟି, ଭୁବନେଶ୍ୱରରେ। କ୍ୟାରିୟର୍ ଓ ପ୍ରବେଶିକା ପରୀକ୍ଷା ସମ୍ପର୍କିତ ପ୍ରଶ୍ନକୁ ନେଇ ରବିବାର ଆଇଆଇଟି ପକ୍ଷରୁ ଏହାର ଅରୁଗୁଳ କ୍ୟାମ୍ପସ୍‌ରେ ଏକ ମୁକ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୯୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ୧୭୦ଜଣ ବ୍ୟକ୍ତିଗତ ଭାବେ ଏହି ଆଲୋଚନାଚକ୍ରରେ ଯୋଗ ଦେଇଥିବା ବେଳେ ୨୦ ଜଣ ସ୍କାଇପ୍ ଜରିଆରେ ଏଥିରେ ସାମିଲ୍ ହୋଇ ନିଜ ପ୍ରଶ୍ନର ଉତ୍ତର ଚାହିଁଥିଲେ।

ଏହି ଅବସରରେ ଆଇଆଇଟି, ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଆର.ଭି ରାଜା କୁମାର, ଛାତ୍ରଛାତ୍ରୀ ବ୍ୟାପାର ବିଭାଗ ଡିନ୍ ପ୍ରଫେସର ଭି.ଆର ପେଡିରେଡ୍ଡୀ, ପ୍ରଫେସର ଏନ୍.ସି ସାହୁ, ଡ. ସି ଭାମିଡିପତି ପ୍ରମୁଖ ଛାତ୍ରଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେବା ସହିତ ପ୍ରବେଶିକା ପରୀକ୍ଷା ପ୍ରସ୍ତୁତି ଲାଗି ପରାମର୍ଶ ଦେଇଥିଲେ।